## କେନ୍ଦୁଝର : ରାଜ୍ୟ ନୋଡାଲ୍ ଅଫିସରଙ୍କ କେନ୍ଦୁଝର ଜିଲ୍ଲା ଗସ୍ତ :

## କୋଭିଡ୍-୧୯ର ପ୍ରତିରୋଧ ପାଇଁ ନିଆଯାଇଥିବା ପଦକ୍ଷେପର ତଦାରଖ ଏବଂ ସମୀକ୍ଷା : କୃଷି, ଶିଳ୍ପ, ଶ୍ରମଭିତିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଏବଂ ଗୋଷ୍ଠୀ ସଂକ୍ରମଣ ରୋକିବା ଉପରେ ଗୁରୁତ୍ୱ

କେନ୍ଦୁଝର, ତା ୦୫/୦୬: କେନ୍ଦୁଝର ଜିଲ୍ଲାରେ ମହାମାରୀ କରୋନାର ପ୍ରତିରୋଧ ପାଇଁ ନିଆଯାଇଥିବା ପଦକ୍ଷେପର ତଦାରଖ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ନୋଡାଲ୍ ଅଫିସର ହସ୍ତତନ୍ତ, ବୟନ ଓ ହସ୍ତକଳା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀକାନ୍ତ ପୃଷ୍ଟି ଚଳିତ ଜୁନ୍ ୪ ତାରିଖ ଦିନ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ବ୍ଲକ୍ ପରିଦର୍ଶନ କରିବା ସହ ଜିଲ୍ଲା ପ୍ରଶାସନ ତରଫରୁ ନିଆଯାଇଥିବା ପଦକ୍ଷେପର ତଦାରଖ କରିବା ସହିତ ସମୀକ୍ଷା କରିଛନ୍ତି । ଏହି ପରିପ୍ରେକ୍ଷୀରେ ଜିଲ୍ଲାରେ କୃଷି, ଶିଳ୍ପ ଓ ଶ୍ରମଭିତିକ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ଏବଂ ଗୋଷ୍ଠୀ ସଂକ୍ରମଣ ରୋକିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ପ୍ରାରମ୍ଭରେ ଜିଲ୍ଲାପାଳ ଆଶିଷ ଠାକରେ ମହାମାରୀ କରୋନାର ପ୍ରତିରୋଧ ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଆଯାଇଥିବା ବହୁବିଧ ପଦକ୍ଷେପ ଏବଂ ଲୋକମାନଙ୍କର ଜୀବନ ଜୀବିକାର ମାନବୃଦ୍ଧି ପାଇଁ ନିଆଯାଇଥିବା କାର୍ଯ୍ୟକ୍ରମ ସଂପର୍କରେ ଅବଗତ କରାଇଥିଲେ । ଏହି ସମୀକ୍ଷା ବୈଠକରେ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ପୃଷ୍ଟି ଉଦ୍‌ବୋଧନ ଦେଇ କହିଥିଲେ ଯେ କରୋନା ମହାମାରୀ ପାଇଁ ସମଗ୍ର ବିଶ୍ୱର ସ୍ଥିତି ସାଂଘାତିକ ହୋଇଛି । ପ୍ରବାସୀମାନେ ନିଜ ନିଜ ଘରକୁ ଫେରୁଥିବାରୁ ସଂକ୍ରମଣ ବଢି ଚାଲିଛି । ଏଣୁ ଗୋଷ୍ଠୀ ସଂକ୍ରମଣ ରୋକିବା ପାଇଁ ବ୍ୟାପକ ଜନସଚେତନତା ସୃଷ୍ଟି ସହିତ ପ୍ରତି ପରିବାର ସଚେତନ ହେବା ଦିଗରେ ବିହିତ ପଦକ୍ଷେପ ନେବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଏ ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କର ରାଜ୍ୟର ସମସ୍ତ ଜିଲ୍ଲାପାଳ ଏବଂ ଏସ୍‌ପି ମାନଙ୍କ ସହ ହୋଇଥିବା ଆଲୋଚନାକୁ ଆଧାର କରି ପଦକ୍ଷେପ ନେବାକୁ କହିଥିଲେ । କରୋନା ସଂକ୍ରମଣ ପରିପ୍ରେକ୍ଷୀରେ ଜୀବନ ସହ ଜୀବିକାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି ବୋଲି କହିବା ସହିତ ଜନସାଧାରଣଙ୍କ ଜୀବନକୁ ସୁରକ୍ଷିତ ରଖିବା ସହିତ ଜୀବନ ଓ ଜୀବିକାକୁ ଗୁରୁତ୍ୱଦେବା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ । ଏଣୁ କୃଷି, ଶିଳ୍ପ ଓ ଶ୍ରମଭିତିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ରବି ଫସଲର ସ୍ଥିତି ଓ ଫସଲ ସଂଗ୍ରହ ସଂପର୍କରେ ସମୀକ୍ଷା କରି ଖରିଫ୍ ଚାଷ ପାଇଁ ଯଥାଯଥ ଯୋଜନା ଓ କୌଶଳ ପ୍ରସ୍ତୁତି ଉପରେ ସମୀକ୍ଷା କରିଥିଲେ । କୃଷକମାନଙ୍କୁ ଯଥା ସମୟରେ ବିହନ, ସାର, କିଟନାଶକ ଔଷଧ ଇତ୍ୟାଦି ଯୋଗାଣ ପାଇଁ କଣ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ସମୀକ୍ଷା କରିଥିଲେ । ଏଦିଗରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଏତଦ୍‌ବ୍ୟତୀତ ଉଦ୍ୟାନ କୃଷି କାର୍ଯ୍ୟକ୍ରମ ଜରିଆରେ ଚାଷୀମାନଙ୍କ ପାଇଁ କଣ ପଦକ୍ଷେପ ନିଆଯାଇଛି ତାହା ସମୀକ୍ଷା କରିବା ସହିତ ଏହା କିପରି ଅଧିକ ଶ୍ରମଭିତିକ ହୋଇପାରିବ ସେ ଦିଗରେ ପଦକ୍ଷେପ ନେବାକୁ ଉପନିର୍ଦ୍ଦେଶକ ଉଦ୍ୟାନକୁ ନିର୍ଦ୍ଦେଶ ଦେଇଥିଲେ । କରୋନା ପ୍ରଭାବରେ ରାଜ୍ୟ ବାହାରୁ ପ୍ରବାସୀ ଶ୍ରମଜୀବୀମାନେ ଜିଲ୍ଲାକୁ ଫେରୁଥିବାରୁ ସେମାନଙ୍କ ପାଇଁ ଜୀବିକା ଉପଲବ୍ଧ କରାଇବା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଏଣୁ ଶ୍ରମଭିତିକ କାର୍ଯ୍ୟକ୍ରମକୁ ବିଭିନ୍ନ ଲାଇନ୍

Contd.. P/2

ଡିପାର୍ଟମେଂଟ୍ ଜରିଆରେ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ମନରେଗା ଜରିଆରେ ଶ୍ରମଜୀବୀମାନଙ୍କୁ କାମ ଯୋଗାଇବା ସହିତ ଅଧିକରୁ ଅଧିକ ଶ୍ରମଦିବସ ସୃଷ୍ଟି କରିବା ପାଇଁ ପଦକ୍ଷେପ ନେବାକୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମନରେଗା କାର୍ଯ୍ୟକ୍ରମ ମାଧ୍ୟମରେ ପଶୁ ସମ୍ପଦ ବିକାଶ ବିଭାଗ, ମତ୍ସ୍ୟ ବିଭାଗ ତରଫରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଥିଲେ । ଏତଦ୍‌ବ୍ୟତୀତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଜୁଆଙ୍ଗ ଉନ୍ନୟନ ସଂସ୍ଥା ତରଫରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଥିଲେ । ପ୍ରବାସୀମାନଙ୍କର ଘର ବାହୁଡ଼ା ଦୃଷ୍ଟିରୁ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ନିଆଯାଇଥିବା ପଦକ୍ଷେପ ଏବଂ ମାଟ୍ରିକ୍ ପରୀକ୍ଷା ଖାତା ମୂଲ୍ୟାୟନ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଥିଲେ । ଅର୍ଥନୀତି ଓ ଜୀବନଜୀବିକାର ପୁନଃ ଉଦ୍ଧାର ପାଇଁ ପୂର୍ବରୁ ଚାଲୁ ରହିଥିବା ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ଶିଳ୍ପ ସଂସ୍ଥା ତଥା ଖଣି ଖାଦାନକୁ କାର୍ଯ୍ୟକ୍ଷମ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଥିଲେ । ଜିଲ୍ଲାରେ କରୋନା ଭାଇରସ୍ କୋଭିଡ୍-୧୯ ର ପ୍ରତିରୋଧ ପାଇଁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ନିଆଯାଇଥିବା ପଦକ୍ଷେପ, ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ କରାଯାଇଥିବା ବ୍ୟବସ୍ଥା, କଂଟ୍ରୋଲ୍ ରୁମ୍‌ର କାର୍ଯ୍ୟକାରିତା, ଜିଲ୍ଲାରେ ବ୍ୟବସ୍ଥା କରାଯାଇଥିବା ଅସ୍ଥାୟୀ ଚିକିତ୍ସା କେନ୍ଦ୍ର, କ୍ୱାରେନ୍‌ଟାଇନ୍ ସେଂଟର, ଆଇସୋଲେସନ୍ ସେଂଟର, ସ୍ୱାବ୍ ସଂଗ୍ରହ ଓ ପରୀକ୍ଷଣ, କୋଭିଡ୍ ହସ୍‌ପିଟାଲ ପରିଚାଳନା, ଟେଷ୍ଟ କିଟ୍ ଉପଲବ୍ଧର ସ୍ଥିତି ସଂପର୍କରେ ସମୀକ୍ଷା କରିଥିଲେ । ଯେହେତୁ କରୋନା ମହାମାରୀ ପ୍ରତିରୋଧ ପାଇଁ ଜୁନ୍ ମାସ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସର୍ବଦା ସାମାଜିକ ଦୂରତ୍ୱ ଅବଲମ୍ବନ ଏବଂ ବାହାରକୁ ବାହାରିଲେ ମାସ୍କ ପରିଧାନ ଏକାନ୍ତ ଆବଶ୍ୟକ । ଏଣୁ ସେ ସମ୍ପର୍କରେ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଏ ଦିଗରେ ପୋଲିସ୍ ବିଭାଗ ତରଫରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରି ଏ ଦିଗରେ ଏନ୍‌ଫୋର୍ସମେନ୍ଟ କଡାକଡି କରିବାପାଇଁ ବିହିତ ପଦକ୍ଷେପ ନେବାକୁ ପୋଲିସ୍ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏତଦ୍‌ବ୍ୟତୀତ ରାଜ୍ୟ ବାହାରୁ ଜିଲ୍ଲାକୁ ଆସୁଥିବା ପ୍ରବାସୀଙ୍କ ପାଇଁ ପ୍ରୋଟୋକଲ ଅନୁଯାୟୀ କ୍ୱାରେଟାଂଇନ୍ ବ୍ୟବସ୍ଥା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପିଡି ଡିଆରଡିଏ ଡଃ ଉଦ୍ଧବ ଚନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଡଃ ଭକ୍ତଚରଣ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ସନ୍ତୋଷ କୁମାର ନାୟକ, ଡିଏସ୍‌ପି ଡିଆଇବି ହରେଶ ଚନ୍ଦ୍ର ପାଣ୍ଡେ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ ଅଶୋକ କୁମାର ଦାଶ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କେନ୍ଦୁଝରର ପ୍ରକଳ୍ପ ପ୍ରଶାସକ ନାରାୟଣ ମୁର୍ମୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ ଯେ ସମୀକ୍ଷା ବୈଠକ ପୂର୍ବରୁ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ପୃଷ୍ଟି ଜିଲ୍ଲାର ବିଭିନ୍ନ ବ୍ଲକ୍ ଅଂଚଳରେ ଥିବା ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର, କ୍ୱାରେନ୍‌ଟାଇନ୍ ସେଂଟର, କୋଭିଡ୍ କେୟାର ସେଂଟର ପରିଦର୍ଶନ କରିବା ସହିତ କ୍ଷେତ୍ର ପରିଦର୍ଶନରେ ମନରେଗା କାର୍ଯ୍ୟକ୍ରମର ତଦାରଖ କରିଥିଲେ ।

୪/୬/୨୦୨୦

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, କେନ୍ଦୁଝର